ସେ ମନୀଷା ବିଷୟରେ ଏମିତି କିଛି ପଚାରି ଦେଇଥିଲା ଯାହା ତା'ର ପଚାରିବାର ହିଁ ନଥିଲା । ସତକଥା ହେଲା, ସେ ବିଜନକୁ ଏଇଆ ପଚାରି ଦେଲା ଯେ – ବିଜନ ଭାଇ ! ତମେ ମନୀଷା ଦିଦିଙ୍କୁ ବାହା ହେବା ଆଗରୁ ତାଙ୍କ ବିଷୟରେ କ'ଣ କିଛି ବି ଖବର ନେଇ ନ ଥିଲ ? ତାଙ୍କର ଗୋଟାଏ ପ୍ରେମିକ ଥିବା କଥାଟା ତମେ କେମିତି ଜାଣିପାରି ନ ଥିଲ ଯେ ? ରାଗ ମାନେ ପ୍ରଚଣ୍ଡ ରାଗ । ସେ ଦିନଠୁ ସେ କିଛି ବି ପଚାରେ ନାହିଁ ମନୀଷା ବିଷୟରେ ।

ପାଦରେ ପଏଣ୍ଟେଡ଼ ହିଲ ସାଙ୍ଗକୁ ଆଖିରେ ଗୋଲଡ଼େନ ଫ୍ରେମର ଫଟୋକ୍ରୋମ୍ ଚଷମା । ଦାମୀ କଷ୍ଟୁମ ସାଙ୍ଗକୁ ଇମ୍ପୋର୍ଟେଡ଼ ପରଫ୍ୟୁମ । ବିଭିନ୍ନ କମ୍ପାନୀର ପ୍ରଥମ ପ୍ରଡକ୍ଟ ତା'ର । ଯାହାକୁ ପିନ୍ଧି ସେ ଫଟୋ ସଟ୍ ଦିଏ । ତା' ସେଲଫ୍‌ରେ ଯେତେ ସବୁ ଡ୍ରେସ୍ ଆଉ ଶାଢ଼ି ରହିଛି କଦବା କେମିତି କୋଉଟାକୁ ଦ୍ୱିତୀୟ ଥର ପାଇଁ ସେ ପିନ୍ଧିଥିବ ଜାଣେନା । ଇମ୍ପୋର୍ଟେଡ଼ କାର୍‌ରେ ସେ ଘୂରେ । ବଡ଼ବଡ଼ ସେଲିବ୍ରିଟିଙ୍କ ନିଦ ହଜେଇ ଦେଇଥିବା ତନୁଶ୍ରୀର ଚର୍ଚ୍ଚା ସବୁଠି । କ୍ୟାଣ୍ଡେଲ୍ ଲାଇଟ୍ ଡିନର ପାଇଁ କେତେ ଯେ ଅଫର ତାକୁ ନ ଦିଅନ୍ତି ଏ ସେଲିବ୍ରିଟି ମାନେ । ମନକୁ ମନ ସେ ବହେ ହସେ । ଚାହିଁଲେ ବି ଏ ସବୁଥିରେ ନିଜକୁ ସାମିଲ କରେଇ ପାରିବ ନାହିଁ ସେ । ତେଣୁ ଆଭୁଏଡ଼ କରେ । କେତେବେଳେ କୋଉ କଥା । ସବୁ ଗୁମର ଫିଟିଯିବ ଯଦି ସେ କାହାରିକୁ ମୁହଁ ଦେଖେଇ ପାରିବ ନାହିଁ । ପାଞ୍ଚ ମିନିଟ ବି ଲାଗିବ ନାହିଁ ତା'ର ସବୁ ସୁନାମ ପାଣିରେ ମିଳେଇ ଯିବାକୁ । ନିଜ ଇଜ୍ଜତ ତ ଯିବ, ତା' ସଙ୍ଗେ ସଙ୍ଗେ ବିଜନ ବି ବଦନାମ ହେଇଯିବ । ଯିଏ ତାକୁ ରାସ୍ତା କଡ଼ରୁ ଗୋଟେଇ ଆଣି ରାଜସିଂହାସନର ଅଧିକାରୀ କରେଇଛି ତା' ପ୍ରତି ବିଶ୍ୱାସଘାତକତା କରି ପାରିବନି ସେ । ସବୁ ଦୋଷ ତା'ର । ସ୍ୱପ୍ନ ଦେଖିବା ଭୁଲ, ପରିଚୟ ହଜେଇବା ଭୁଲ । ଭଗବାନ ଯାହାକୁ ଯାହା ପରିଚୟ ଦେଇଛନ୍ତି ତାକୁ କ'ଣ ସାଧାରଣ ମଣିଷ ବଦଳେଇ ଦେଇ ପାରିବ ?

ସେଦିନର କଥା ତା'ର ମନେ ପଡୁଛି, ଯେଉଁଦିନ ଫାରୁଖ ତାକୁ ଏକାନ୍ତରେ ପାଇ ପ୍ରେମ ନିବେଦନ କରିଥିଲା ତା' ଆଗରେ, ପ୍ରସ୍ତାବ ରଖିଥିଲା ବାହା ହେବାର । କ'ଣ ବା ଉତ୍ତର ଦେଇଥାନ୍ତା ସେ ? ତା'ର କ'ଣ ମନ ନାହିଁ ? ହେଲେ ସେ ଲକ୍ଷ୍ମଣରେଖା ଟପି ଯାଇ ପାରିବନାହିଁ ଆଗକୁ । ଆଗରେ ବିପଦ । ସବୁ ମାନ ଇଜ୍ଜତ ମାଟିରେ ମିଶିଯିବ ।

କିଛି କହିଲନି ଯେ ?, ପଚାରିଥିଲା ଫାରୁଖ ।

ସମୟଆସୁ, କହିବି, ଏବେ ତ ଚିନ୍ତା ହିଁ କରିନି କହି ସେ କଥା ଟାଳି ଦେଇଥିଲା ତନୁ ।

ଆଉ ଦିନେ ଗୋଟେ ଜୁନିୟର ଆର୍ଟିଷ୍ଟ ତା' ଗାଲକୁ ଛୁଇଁ ଦେଇଥିଲା ବୋଲି ସବୁ ପ୍ରିଣ୍ଟମିଡ଼ିଆ ତାକୁ କଭର ଷ୍ଟୋରି କରିଥିଲେ । ଯାହା ସବୁ ଲେଖିଥିଲେ ସେମାନେ ସତରେ ଗୋଟେ ଝିଅ ମୁହଁ ଟେକି ବାଟ ଚାଲି ପାରିବା କଥା ନୁହେଁ ।

କବାଟ କିଳି କାନ୍ଦିବାକୁ ଇଚ୍ଛା ହେଲା ତା'ର । କାନ୍ଦିଲା ବି, ଖୁବ୍ କାନ୍ଦିଲା । ଗୋଟି ଗୋଟି ଖୋଲି ପକେଇଲା ଆଭୂଷଣ, ଶାଢ଼ି, ଶାୟା, ବ୍ଲାଉଜ୍ । ଦର୍ପଣ ସାମ୍ନାରେ ତା' ଶରୀର । ଏ ଦେହ ତା'ର ନୁହେଁ । ଯେ ଗୋଟାଏ ଅଭିଶାପ । ଏ ପରିଧେୟ ତା'ର ନୁହେଁ । ଗୋଟାଏ ଛଳନା । ଏ ସୁନାମ ତା'ର ନୁହେଁ । ଯେ ଗୋଟାଏ କଳଙ୍କ । ସେ ଗୋଟେ କଣ୍ଢେଇ ତାକୁ ଯିଏ ଯେମିତି ନଚେଇଲା ସେ ସେମିତି ନାଚିଲା ।

ଆଜି ବିଜନର କଥାଟା ଖୁବ୍ ବାଧୁଛି ତାକୁ । ଦିନେ ତାଳି ମାରି ଲୋକଙ୍କଠୁ ପାଞ୍ଚ ଦଶ ଟଙ୍କା ଆଦାୟ କରୁଥିବା ନିୟତି ତାକୁ କୋଉଠୁ ନେଇ କୋଉଠି ଥୋଇ ଦେଇଛି ସେ ବିଷୟରେ ତାକୁ ସଚେତନ କରେଇ ଦେଇଛି ସେ । ଅବଶ୍ୟ ବିଜନ କିଛି ଭୁଲ ତ କହିନାହିଁ । ବରଂ ସେ ତା' ପ୍ରତି କୃତଜ୍ଞ ରହିବା କଥା । ସତରେ ସେ କ'ଣ ପ୍ରାଚୁର୍ଯ୍ୟ ଭିତରେ ହଜି ଯାଇଛି କି ? ସେ କ'ଣ ଅବହେଳା କରିଛି ବିଜନ ପ୍ରତି ?

ପୁଣି ରାଗ ଆସିଲା ବିଜନ ଉପରେ । ତାକୁ ମୁଖ୍ୟ ସ୍ରୋତରେ ସାମିଲ କରେଇବାର ସ୍ୱପ୍ନ ଦେଖେଇ ତାକୁ ଶୋଷଣ ହିଁ ତ କରିଛି ସେ । ପ୍ରାଚୁର୍ଯ୍ୟ ଭିତରେ ବୁଡ଼େଇ ତାକୁ ଅଣନିଃଶ୍ୱାସୀ କରିଛି କେବଳ । ଏ ସଂସାରରେ ଧନ କ'ଣ ସବୁକିଛି ? ଏତେ ସବୁ ଧନ ସମ୍ପତ୍ତିର ପ୍ରାଚୁର୍ଯ୍ୟ, ମାନ ସମ୍ମାନ ଭିତରେ ବି ସେ କ'ଣ ବଞ୍ଚି ପାରୁଛି କି ମୁକ୍ତ ବିହଙ୍ଗଟେ ପରି ଖୋଲା ଆକାଶରେ । ସଦାସର୍ବଦା ଗୋଟାଏ ଭୟ ଓ ଆଶଙ୍କା ତାକୁ ଆଚ୍ଛନ୍ନ କରି ରଖୁଛି ସଦାବେଳେ ।

ଅନ୍ଧକାର ପରେ ଆଲୋକ ଆଉ ଆଲୋକ ପରେ ଅନ୍ଧକାର ତ ନିଶ୍ଚୟ । ତା' ଭାଗ୍ୟରେ କିନ୍ତୁ ଆଲୋକ ନାହିଁ । ଅନ୍ଧକାର ହିଁ ଅନ୍ଧକାର । ଆଉ ସେହି ଅନ୍ଧାରରେ ହଜିଯିବା ହେଉଛି ତା'ର ନିୟତି । କେତେଦିନ ଆଉ ସେ ଠକି ଚାଲିଥିବ ନିଜକୁ, ସମାଜକୁ, ସମସ୍ତଙ୍କୁ । ଯଦିଓ ତାକୁ ଅନ୍ଧାରରୁ ଆଲୋକକୁ ଆଣିବାର ସମସ୍ତ ଶ୍ରେୟ ବିଜନର କିନ୍ତୁ ତା' ଦୟାର ପାତ୍ର ତ ସେ ନୁହେଁ ନା ।

ବେଳେବେଳେ ଭାବେ ପଳେଇଯିବ ଗାଁକୁ । ଜଟଣି ପାଖାପାଖି କୋଉଠି ତା' ଗାଁ, ନାଁଟା ପଚାରିଲେ କହେନା କାହାରିକୁ । ଏମିତିକି ବିଜନକୁ ବି । ବାପା ମରିଗଲା ପରେ ମା ତା'ର ପରଘରେ ବାସନ ମାଜି, ପାଣି ଦେଇ ପେଟ ପୋଷୁଥିଲା । ଦିନେ ଦିନେ ତାକୁ ପଠାଇଦିଏ ବିନା କାରଣରେ । ଛୋଟ ଥିଲାବେଳେ ସେ ଅବଶ୍ୟ ଜାଣି ପାରୁନଥିଲା ଏ ସବୁର କାରଣ । ପରେ କିନ୍ତୁ ଜାଣି ପାରିଲା ଯେତେବେଳେ ତା' ସାଙ୍ଗମାନେ ତାକୁ ଡାକି ନେଇ ତା' ଦେହ ଉପରେ ଗବେଷଣା ଆରମ୍ଭ କରିଦେଲେ । ଧୀରେ ଧୀରେ ତା' ଦୁନିଆ ବଦଳିଗଲା । ପୁଅମାନେ ସବୁ ତାକୁ ଚିଡ଼େଇବାରେ ଲାଗିଲେ । ନଜର ତାଙ୍କର ବଦଳିଲା । ସତେ ଯେମିତି ସେ ଗୋଟେ ଝିଅ !

ସେଦିନର ଅଶ୍ୱସ୍ତିଠୁ ଆଜିର ଅସହାୟତାଟା କିନ୍ତୁ ବେଶୀ ଅସହ୍ୟ ଥିଲା ତା' ପାଇଁ । ଅନେକ ଦିନରୁ ସାଇତା ହେଇ ରହିଥିବା ପୁରୁଣା ବ୍ୟାଗଟାକୁ ବାହାର କଲା ସେ । ତା'ର ପୁରୁଣା ଦିନର ସ୍ମୃତି, ଗୋଟେ ଛିଟ ଲୁଙ୍ଗି, ଗୋଟେ ସାର୍ଟ ଆଉ ଗାମୁଛା । ରାତ୍ରିର ଘନ ଅନ୍ଧାରରେ ଛାଇଟେ ପରି ଉଭେଇଗଲା ସେ ଆଉ ତା' ସାଙ୍ଗରେ ତନୁଶ୍ରୀର ପରିଚୟ ।

ଗୋଟେ ଅସମାହିତ ପ୍ରଶ୍ନଟେ ଅବଶ୍ୟ ଛାଡ଼ି ଯାଇଥିଲା ସମସ୍ତଙ୍କ ପାଇଁ, ପରିଚୟଟା ନିହାତି କ'ଣ ଗୋଟାଏ ଆବଶ୍ୟକୀୟ ଜିନିଷ ମଣିଷ ପାଇଁ ?

**ଏ.ଜେ.ଓ. ଉଚ୍ଚ ବିଦ୍ୟାଳୟ, ଫୁଲବାଣୀ, କନ୍ଧମାଳ**